# NATIONAL NEWS BULLETIN (ODIA)

## 19 December - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପାରମ୍ପରିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭବିଷ୍ୟତ ପାଇଁ ଦାୟିତ୍ୱବାନ ହେବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଶେଷ ହେଲା ସଂସଦର ଶୀତକାଳୀନ ଅଧିବେଶନ ।

– ଭି.ବି.ଜି.-ରାମ୍.ଜି. ବିଲ୍ ୨୦୨୫ ସମେତ ପାରିତ ହେଲା ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ।

- ପଶ୍ଚିମବଙ୍ଗ ଏବଂ ଆସାମକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ।
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ନେଦରଲାଣ୍ଡ ପ୍ରତିପକ୍ଷ ଡେଭିଡ୍ ଭାନ୍ ୱିଲ୍ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ।

ଏବଂ

- ଭାରତ ବିପକ୍ଷ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ଚୂଡ଼ାନ୍ତ ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଲା ଦକ୍ଷିଣ ଆଫ୍ରିକା ।

# ପିଏମ୍

ଭାରତ ପାଇଁ ଏହା ଗର୍ବର ବିଷୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପାରମ୍ପରିକ ଔଷଧ କେନ୍ଦ୍ର ଗୁଜରାଟର ଜାମ୍‌ନଗରରେ ପ୍ରତିଷ୍ଠା ହୋଇଛି । ୨୦୨୨ରେ ଆୟୋଜିତ ପାରମ୍ପରିକ ଔଷଧର ପ୍ରଥମ ସମ୍ମିଳନୀ ଅବସରରେ ବିଶ୍ୱ ସମୁଦାୟ ପକ୍ଷରୁ ଭାରତକୁ ଏହି ଗୁରୁଦାୟିତ୍ୱ ଅର୍ପଣ କରାଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ ପାରମ୍ପରିକ ଔଷଧ ସମ୍ପର୍କିତ ଦ୍ୱିତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମ୍ମିଳନୀର ଉଦ୍‌ଯାପନୀ ସମାରୋହକୁ ଉଦ୍‌ବୋଧନ ଦେଇ କହିଛନ୍ତି ।

**V/O**

ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରୋସ୍ ଅଧନମ୍ ଘେବ୍ରେୟସସ୍‌ଙ୍କ ସହ ପ୍ରଦର୍ଶନୀ କ୍ଷେତ୍ର ପରିଦର୍ଶନ କରିଥିଲେ । ଭାରତର ପ୍ରୟାସ ଏବଂ ୧୭୫ଟି ଦେଶର ସହଯୋଗରେ ୨୧ ଜୁନ୍‌କୁ ମିଳିତ ଜାତିସଂଗ ଦ୍ୱାରା ଯୋଗଦିବସ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି । ବିଶ୍ୱର କୋଣଅନୁକୋଣରେ ଆଜି ଯୋଗ ପହଞ୍ଚିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆୟୁର୍ବେଦରେ ସନ୍ତୁଳନକୁ ଗୁରୁତ୍ୱ ଦିଆଯାଇଛି । ଶରୀରରେ ସନ୍ତୁଳନ ବଜାୟ ରହିଲେ ଲୋକ ସୁସ୍ଥ ବୋଲି ବିବେଚିତ ହୋଇଥାଏ ବୋଲି ଶ୍ରୀ ମୋଦୀ କହିଛନ୍ତି । ଏଣୁ ପାରମ୍ପରିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆମକୁ ବର୍ତ୍ତମାନରେ ଧ୍ୟାନ କେନ୍ଦ୍ରୀତ ନ କରି ଭବିଷ୍ୟତ ପାଇଁ ଦାୟିତ୍ୱବାନ ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

# ପାର୍ଲାମେଣ୍ଟ-ସାଇନ୍‌ଡାଏ

ସଂସଦର ଉଭୟ ଗୃହକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି । ୧୯ଦିନ ଧରି ଚାଲିଥିବା ଶୀତକାଳୀନ ଅଧିବେଶନ ଆଜି ଶେଷ ହୋଇଛି । ପ୍ରଥମେ ଲୋକସଭା ମୁଲତବୀ ହେବା ପରେ ରାଜ୍ୟସଭା ମୁଲତବୀ ହୋଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଯାପନୀ ଦିବସରେ ଉଦ୍‌ବୋଧନ ଦେଇ କହିଛନ୍ତି ଏହି ଅଧିବେଶନ କାଳରେ ୧୫ଟି କାର୍ଯ୍ୟଦିବସରେ ୧୧୧ ପ୍ରତିଶତ କାର୍ଯ୍ୟଦକ୍ଷତା ମିଳିପାରିଛି । ସେ ସମସ୍ତ ସାଂସଦମାନଙ୍କୁ ଶାନ୍ତିଶୃଙ୍ଖଳାରେ ଗୃହ ପରିଚାଳନା କରିବା ପାଇଁ ସହାୟତା ପ୍ରଦାନ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି ।

ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ତାଙ୍କ ଉଦ୍‌ଯାପନୀ ଭାଷଣରେ କହିଛନ୍ତି ଗୃହ ମୋଟ୍ ୯୨ଘଣ୍ଟା ଚାଲିଥିଲା ଏବଂ ୧୨୧ ପ୍ରତିଶତ କାର୍ଯ୍ୟଦକ୍ଷତା ରେକର୍ଡ ହୋଇଛି । ଏହି ଅଧିବେସନରେ ଅଣଷଠିଟି ବିଲ୍ ଆଗତ କରାଯାଇଥିଲା ବୋଲି ସେ କହିଛନ୍ତି । ଏହି ଅଧିବେଶନ ସମୟରେ ଐତିହାସିକ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧ ରଖୁଥିବା ବିଭିନ୍ନ ଗୁଣାତ୍ମକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ବୋଲି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି । ସେ କହିଛନ୍ତି ଅଧିବେଶନ କାଳରେ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ ଏକ

ସ୍ୱତନ୍ତ୍ର ଆଲୋଚନା ହୋଇଥିଲା । ଯେଉଁଥିରେ ୮୨ଜଣ ସଭ୍ୟ ଅଂଶଗ୍ରହଣ କରିଥିଲେ । ଏହି ସମୟରେ ନିର୍ବାଚନ ସଂସ୍କାର ଉପରେ ମଧ୍ୟ ୫୭ଜଣ ସଭ୍ୟଙ୍କ ଉପସ୍ଥିତିରେ ମୂଲ୍ୟବୋଧ ଭିତ୍ତିକ ଆଲୋଚନା କରାଯାଇଥିଲା । ଏଥିରେ ସାଂସଦମାନେ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ନିଜର ମତ ପ୍ରକାଶ କରିଥିଲେ ।

ବିରୋଧୀ ସଦସ୍ୟମାନେ ଗୃହରେ ଗତକାଲି ଅଚଳାବସ୍ଥା ସୃଷ୍ଟି କରିଥିବା ନେଇ ଶ୍ରୀ ରାଧାକ୍ରିଷ୍ଣନ ଚିନ୍ତାପ୍ରକଟ କରିଛନ୍ତି । ସେ କହିଛନ୍ତି ବଡ ପାଟିରେ ସ୍ଲୋଗାନ ଦେବା, ପ୍ଲା-କାର୍ଡ ଦେଖାଇବା, ଗୃହରେ ମନ୍ତ୍ରୀମାନେ ଉତ୍ତର ରଖିଥିବେଳେ ବିଶୃଙ୍ଖଳା ସୃଷ୍ଟି କରିବା, କାଗଜ ଚିରି ଫୋପାଡିବା ଆଦି ପ୍ରସଙ୍ଗ ସାଂସଦମାନଙ୍କୁ ଶୋଭାପାଉନାହିଁ । ଆଗାମୀ ଦିନରେ ସାଂସଦମାନେ ଏଭଳି ଆଚରଣରୁ ବିରତ ରହିବା ପାଇଁ ସେ ଅନୁରୋଧ କରିଛନ୍ତି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସଂସଦର ଶୀତକାଳୀନ ଅଧିବେଶନରେ ଗୃହିତ ହୋଇଥିବା ଏହି ବିଧେୟକ କୋଟି କୋଟି ଲୋକଙ୍କ ଜୀବନକୁ ଉନ୍ନତ କରିବ ସହ ଭାରତକୁ ଏକ ବିକଶିତ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେ କହିଛନ୍ତି, ଅନେକ ଲୋକ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇ ଥିଲେ କିନ୍ତୁ ସଂସଦର ଉଭୟ ଗୃହରେ ନିର୍ବାଚନ ସଂସ୍କାର ଉପରେ ବିତର୍କ ପରେ ସବୁକିଛି ସ୍ପଷ୍ଟ ହୋଇଯାଇଛି ।

**V/O**

ଦିଲ୍ଲୀ ଏନ୍.ସି.ଆର୍.ରେ ବାୟୁ ପ୍ରଦୂଷଣ ସଂକ୍ରାନ୍ତ ଆଲୋଚନା ଉପରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ରିଜିଜୁ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଫଳରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇପାରିଲା ନାହିଁ ।

ଚଳିତ ଅଧିବେଶନରେ ଲୋକସଭାରେ ୧୦ଟି ବିଲ୍ ଆଗତ ହୋଇଥିବା ବେଳେ ୮ଟି ଗୃହିତ ହୋଇଥିଲା । ରାଜ୍ୟସଭା ୮ଟି ବିଲ୍‌କୁ ଅନୁମୋଦନ କରିଥିଲା । ସଂଦରେ ଗୃହିତ ହୋଇଥିବା ପ୍ରମୁଖ ବିଲ୍ ଗୁଡ଼ିକ ମଧ୍ୟରେ ବିକଶିତ ଭାରତ ଜି.ରାମ୍.ଜି. ବିଲ୍ ୨୦୨୫, ଭାରତକୁ ପରିବର୍ତ୍ତନ କରିବା ପାଇଁ ପରମାଣୁ ଶକ୍ତିର ସ୍ଥାୟୀ ଉପଯୋଗିତା ଉନ୍ନତି ବିଲ୍, ସବ୍ କା ବିମା ସବ୍ କି ରକ୍ଷା ବିଲ୍ ୨୦୨୫ । ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ୨୦୨୫କୁ ଅଧିକ ତର୍ଜମା ପାଇଁ ସଂସଦର ଯୁଗ୍ମ କମିଟିକୁ ପଠାଯାଇଛି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପଶ୍ଚିମବଙ୍ଗ ଗସ୍ତରେ ଯିବେ । ଗସ୍ତ ଅବସରରେ ନାଦିଆ ଜିଲ୍ଲାର ରାଣା ଘାଟରେ ପ୍ରଧାନମନ୍ତ୍ରୀ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବା ସହ ସମାବେଶକୁ ସମ୍ବୋଧିତ କରିବେ । ୩ ହଜାର ୨୦୦ କୋଟି ଟଙ୍କା

ମୂଲ୍ୟର ୨ଟି ଜାତୀୟ ରାଜପଥ ପ୍ରକଳ୍ପ କୋଲକାତା ଏବଂ ସିଲିଗୁଡ଼ି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ମାଧ୍ୟମ ଭାବେ କାର୍ଯ୍ୟ କରିବେ । ଏହା ଯାତ୍ରା ସମୟକୁ ପ୍ରାୟ ୨ ଘଣ୍ଟା ହ୍ରାସ କରିବାରେ ସାହାଯ୍ୟ କରିବା ସହ ଯାନବାହନର ଯାତାୟତ ସୁଗମ କରିବ ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲିଠାରୁ ଆସାମକୁ ଦୁଇ ଦିନିଆ ଗସ୍ତରେ ମଧ୍ୟ ଯିବେ । ତାଙ୍କ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲୋଇ ଆନ୍ତର୍ଜାତିକ ବିମାନ ବନ୍ଦରର ନୂତନ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବେ । ଗସ୍ତର ଅନ୍ତିମ ଦିନରେ ଶ୍ରୀ ମୋଦୀ ଗୌହାଟୀର ବୋରା ଗାଓଁର ସହିଦ୍ ସ୍ମାରକୀଠାରେ ଐତିହାସିକ ଆସାମ ଆନ୍ଦୋଳନର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ । ପରେ ପ୍ରଧାନମନ୍ତ୍ରୀ ଆସାମ ଭ୍ୟାଲି ଫର୍ଟିଲାଇଜର୍ ଆଣ୍ଡ କେମିକାଲ୍ କମ୍ପାନୀ ଲିମିଟେଡ୍‌ର ଆମୋନିଆ-ୟୁରିଆ ପ୍ରକଳ୍ପ ପାଇଁ ଭୂମି ପୂଜନ କରିବାର କାର୍ଯ୍ୟସୂଚୀ ରହିଛି ।

## ଜୟଶଙ୍କର-ନେଦରଲାଣ୍ଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀରେ ତାଙ୍କ ନେଦରଲାଣ୍ଡ ପ୍ରତିପକ୍ଷ ଡେଭିଡ୍ ଭାନ୍ ୱିଲ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ସେମାନେ ଉଭୟ ଦେଶର ବାଣିଜ୍ୟ, ପ୍ରତିରକ୍ଷା, ଜାହାଜ ଚଳାଚଳ, ଜଳ, କୃଷି, ସ୍ୱାସ୍ଥ୍ୟ ଏବଂ ସଂସ୍କୃତି ସମେତ ଦ୍ୱିପାକ୍ଷିକ

ସହଯୋଗ ଉପରେ ଆଲୋଚନା କରିଛନ୍ତି । ମନ୍ତ୍ରୀ କହିଛନ୍ତି, ଉଭୟ ପକ୍ଷ ସେମିକଣ୍ଡକ୍ଟର, ପ୍ରତିଭା, ଗତିଶୀଳତା ଏବଂ ନବୀକରଣ କ୍ଷେତ୍ରରେ ନୂତନ ସୁଯୋଗ ଉପରେ ମଧ୍ୟ ଆଲୋଚନା କରିଛନ୍ତି । ସେ କହିଛନ୍ତି, ଉଭୟ ନେତା ବହୁପାକ୍ଷିକ ସହଯୋଗ ଏବଂ ଦୁଇ ଦେଶର ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିଛନ୍ତି । ଭାରତ ୟୁରୋପୀୟ ସଂଘ ଘନିଷ୍ଠ ସମ୍ପର୍କ ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ପାଇଁ ନେଦରଲାଣ୍ଡର ସମର୍ଥନକୁ ଭାରତ ଗୁରୁତ୍ୱ ଦିଏ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଗୁଡ୍ ଗଭର୍ଣ୍ଣାନ୍ସ ଓ୍ୱିକ୍

କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ମନ୍ତ୍ରଣାଳୟ – ଡି.ଏ.ଆର୍.ପି.ଜି. ଆଜିଠାରୁ ସୁ-ଶାସନ ସପ୍ତାହ ୨୦୨୫' ପ୍ରଶାସନ ଗାଓଁ କି ଓର୍ ପାଳନ କରୁଛି । ଆଜି ନୂଆଦିଲ୍ଲୀରେ ଦେଶ ବ୍ୟାପି ଅଭିଯାନ ପାଇଁ ନିର୍ଦ୍ଦେଶାବଳୀ ପ୍ରକାଶ କରି ଡି.ଏ.ଆର୍.ପି.ଜି.ର ସଚିବ ରଚନା ଶାହା କହିଛନ୍ତି, ସୁ-ଶାସନକୁ ତୃଣମୂଳ ସ୍ତରରେ ସେବା ପ୍ରଦାନ ଦ୍ୱାରା ମୂଲ୍ୟାଙ୍କନ କରାଯିବା ଆବଶ୍ୟକ । ସେ ଗୁରୁତ୍ୱାରୋପ କରି କହିଛନ୍ତି, ସୁ-ଶାସନ କେବଳ ନୀତି ଏବଂ ସଂସ୍ଥାଗତ ଢାଞ୍ଚା ନୁହେଁ ବରଂ ସାର୍ବଜନୀନ ସେବା ନାଗରିକମାନଙ୍କ ପାଇଁ କିଭଳି ପ୍ରଭାବଶାଳୀ ହୋଇପାରିଛି ତାହା ପ୍ରତିଫଳିତ କରିଥାଏ । ଏହି ଅଭିଯାନ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି ପ୍ରସ୍ତୁତି ପର୍ଯ୍ୟାୟ ଏବଂ କାର୍ଯ୍ୟାନ୍ୱୟନ ପର୍ଯ୍ୟାୟ ।

ଚଳିତ ମାସର ୧୧ରୁ ୧୮ ତାରିଖ ମଧ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ପର୍ଯ୍ୟାୟରେ ୨ ଲକ୍ଷ ୧୧ ହଜାରରୁ ଅଧିକ ଅଭିଯୋଗର ସମାଧାନ ହୋଇଥିଲା । ଅଭିଯାନର ପରବର୍ତ୍ତୀ ପର୍ଯ୍ୟାୟରେ ଦେଶ ବ୍ୟାପି ଜିଲ୍ଲା କଲେକ୍ଟରମାନେ ତହସିଲ, ବ୍ଲକ୍ ଏବଂ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜନ କରିବେ, ଯାହାଦ୍ୱାରା ଅଧିକାରୀ ଏବଂ ନାଗରିକମାନଙ୍କ ମଧ୍ୟରେ ଯୋଗାଯୋଗ ଏବଂ ସରକାରୀ ସେବାର ଉନ୍ନତ ବିତରଣ ସମ୍ଭବ ହେବ । ଏହି ଦେଶ ବ୍ୟାପି ଅଭିଯାନ ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଇଣ୍ଡିଆନ୍ ରେଲୱେଜ୍ ଟିକେଟ୍

ରେଳଯାତ୍ରୀମାନେ ଡିଜିଟାଲ୍ ଭାବରେ ଅଣ-ସଂରକ୍ଷିତ ଟିକେଟ୍ ବୁକ୍ କରୁଥିଲେ ସେମାନେ ଯାଞ୍ଚ୍ ସମୟରେ ବୁକିଂ ପାଇଁ ବ୍ୟବହୃତ ମୋବାଇଲ୍ ଫୋନ୍‌ରେ ଟିକେଟ୍ ଦେଖାଇ ପାରିବେ । ତେବେ ବର୍ତ୍ତମାନ ଏହାର ପ୍ରିଣ୍ଟଆଉଟ୍ ଆବଶ୍ୟକ ନାହିଁ ବୋଲି ରେଳବାଇ ପକ୍ଷରୁ ସ୍ପଷ୍ଟ କରାଯାଇଛି । କିଛି ଗଣମାଧ୍ୟମରେ ଭାରତୀୟ ରେଳବାଇ ଅଣ-ସଂରକ୍ଷିତ ଟ୍ରେନ୍ ଟିକେଟ୍‌ର ଏକ ପ୍ରିଣ୍ଟଆଉଟ୍ ବହନ କରିବା ବାଧ୍ୟତାମୂଳକ ବୋଲି ଦାବି କରାଯିବା ପରେ ରେଳବାଇ ପକ୍ଷରୁ ଏହି ସ୍ପଷ୍ଟିକରଣ ଆସିଛି ।

# କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଜାରି ରହିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୪ ଓଭର ବେଳକୁ କୌଣସି ଓ୍ୱିକେଟ୍ ନ ହରାଇ ୪୦ ରନ୍ ସଂଗ୍ରହ କରିଛି । ଭାରତ-ଦକ୍ଷିଣ ଆଫ୍ରିକାର ଟି-ଟ୍ୱେଣ୍ଟି ଶୃଙ୍ଖଳାରେ ଗୋଟିଏ ମ୍ୟାଚ୍ ଘନ କୁହୁଡ଼ି ଯୋଗୁଁ ବାତିଲ ହୋଇଥିବା ବେଳେ ତିନୋଟି ମ୍ୟାଚ୍‌ରୁ ବର୍ତ୍ତମାନ ସୁଦ୍ଧା ଭାରତ ୨-୧ରେ ଆଗୁଆ ରହିଛି ।

ଦୁବାଇର ଆଇ.ସି.ସି. ଏକାଡେମୀ କ୍ରିକେଟ୍ ପଡ଼ିଆରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ୨୦୨୫ର ସେମିଫାଇନାଲ୍‌ରେ ଭାରତ' ଶ୍ରୀଲଙ୍କାକୁ ୮ ଓ୍ୱିକେଟ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି । ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌କୁ ୫୦ ଓଭର ପରିବର୍ତ୍ତେ ୨୦ ଓଭର ଲେଖାଏଁ ଖେଳାଯାଇଥିଲା । ଭାରତ ଟସ୍ ଜିତି ଶ୍ରୀଲଙ୍କାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଶ୍ରୀଲଙ୍କା ୮ ଓ୍ୱିକେଟ୍ ବିନିମୟରେ ୧୩୮ରନ୍ କରିବାକୁ ସକ୍ଷମ ହୋଇଥିଲା । ଜବାବରେ ଭାରତ ୧୮ ଓଭରରେ ୨ ଓ୍ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଭାରତ ପକ୍ଷରୁ ବିହାନ୍ ମାଲହୋତ୍ରା ୬୧ରନ୍ ଏବଂ ଆରୋନ୍ ଜର୍ଜ୍ ୫୮ରନ୍ କରି ଅପରାଜିତ ରହିଥିଲେ ।